# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୯.୦୬.୨୦୧୭ — ସମୟ- ଅପରାହ୍ନ ଘ ୪.୦୦ ଟିକା

ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ତଥା ସଭାପତି,

୨. ଶ୍ରୀ ନିହାର ରଞ୍ଜନ ସାହୁ,

୩. ଶ୍ରୀ ପ୍ରେମାନନ୍ଦ ଜେନା,

୪. ଶ୍ରୀ ଦିଲିପ କୁମାର ମାଝୀ,

୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍
ପବ୍ଲିକ୍ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି

୬. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍
ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

୭. ଡ଼: କ୍ରିଷନ କୁମାର, ଆଇ.ଏ.ଏସ୍., ମ୍ୟୁନିସିପାଲ୍ କମିଶନର

ଅଦ୍ୟ ତା ୨୯.୦୬.୨୦୧୭ ରିଖ ଅପରାହ୍ନ ଘ ୪.୦୦ ଟିକା ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାକାର୍ଯ୍ୟ ପ୍ରାରମ୍ଭରେ ନିଗମରେ ନୂତନ ଭାବେ ଯୋଗ ଦେଇଥିବା ଆଂଚଳିକ ଅଧିକାରୀ ଶ୍ରୀ ବିନୟ କୁମାର ଦାସ ଓ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କୁ କମିଟି ତରଫରୁ ସ୍ୱାଗତ କରାଯାଇଥିଲା ।

ପ୍ରସ୍ତାବ - ୧. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନ/ବୈଦ୍ୟୁତିକ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର. ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳମୂଲ୍ୟ ଉପରେ ଅଧିକ% |
|---|---|---|---|---|---|
| 1. | Provision of street light in Different location at W No.-22 File No.-XXVII-188/2016 | Rs.4,76,375.00 | Rs.4,76,375.00 | M/S Adarsh Engineering & Constructions | 00 W.B-2016-17 |
| 2. | Installation of pole in different location of BMC File No.-XXVII-173/2016 | Rs.3,12,121.00 | Rs.3,27,728.00 | M/S Namah Shivaya Enterprise | 5.00 |
| 3. | Provision of street light in Different location in W No.-06 File No.-XXVII-171/2016 | Rs.9,24,093.00 | Rs.9,70,297.00 | M/S Ankit Electricals | 5.00 W.B-2016-17 |

| | | | | | |
|---|---|---|---|---|---|
| 4. | Provision of LED light to Maszid Pond, Sadhua Pond, Bhotapada Pond, Ugalamani Pond, Gadakana Village Pond & Nilakantheswar Pond under the project of preservation of water bodies<br>File No.-XXVII-30/2017 | Rs.8,82,986.00 | Rs.8,82,986.00 | M/S Swastik Engineering | 00<br>OUIDF Fund |
| 5. | Provision of 12.5 mtr. High Mast and street light at in W.No.-58<br>File No.-XXVII-229/2016 | Rs.4,91,594.00 | Rs.5,16,174.00 | M/S Swastik Engineering | 5.00<br>W.B-2016-17 |
| 6. | Estimate for Construction of 3 phase II KV line with 25 KVA 110.4 KV Substation at Niladri Vihar Foot Hill PHEO Pump House under Water ATM Project<br>File No.-XXVII-02/2017 | Rs.3,58,780.00 | Rs.3,76,719.00 | M/S Namah Shivaya Enterprise | 5.00<br>Water ATM Project |
| 7. | Provision of Street Light at different location in W No.-25<br>File No.-XXVII-16/2017 | Rs.12,55,180.00 | Rs.13,17,814.00 | M/S Parsuram Dikhit | 4.99<br>W.B-2016-17 |
| 8. | Provision of street light in front of Naveen Niwas to Punama gate fly over and Air-field Police Station<br>File No.-XXVII-209/2016 | Rs.8,17,811.00 | Rs.8,58,620.00 | M/S Namah Shivay Enterprise | 4.99 |
| 9. | Provision of Electric Street light at different location in Ward No.-11<br>File No.-XXVII-205/2016 | Rs.10,91,345.00 | Rs.11,40,456.00 | M/S Alok Ku. Das | 4.5<br>W.B-2016-17 |
| 10. | Provision of street light at different location in Ward No.-64<br>File No.-XXVII-166/2016 | Rs.4,59,801.00 | Rs.4,78,193.00 | M/S Sandesh Power | 4.00<br>W.B-2016-17 |
| 11. | Constn. of road from Endolite Chhak to Plot No.-1376/12889 (SSC) through Plot No.-1526 and Plot No.-1490/8029 at Satya Vihar in Ward No.-05<br>File No.-XXIX-Div.-I-1492/2016 | Rs.35,36,335.00 | Rs.35,36,335.00 | Prasanna Behera | 00<br>W.B-2017-18 |
| 12. | Constn. of B.T.road from A/26 to A/32 and A/37 Nayapalli Nilakantha Nagar in Ward No.-38<br>File No.-XXIX-Div.-I-1484/2016 | Rs.21,74,036.00 | Rs.22,81,651.00 | Krushna Ch. Mohapatra | 4.95<br>W.B-2016-17 Rs.9,01,555.00<br>W.B-2017-18 Rs.12,74,445.00<br>Total Rs.21,76,000.00 |
| 13. | Spl. Repair to the road and drain from Res. of Bhagirathi Mohanty to Res. of Sunil Ku. Sahoo at Kapileswar in Ward No.-59<br>File No.-XXIX-Div.-II-655/2016 | Rs.9,54,972.00 | Rs.10,01,766.00 | Sridhar Sethi | 4.90<br>W.B-2016-17 |

29/06/2017

| | | | | | |
|---|---|---|---|---|---|
| 14. | Constn. of drain and Widening of road in front of Sarada tent house at Brahmeswarpatna in Ward No.-58 File No.-XXIX-Div.-II-08/2017 | Rs.12,26,580.00 | Rs.12,86,682.00 | Bipin Bihari Patra | 4.90 W.B-2016-17 |
| 15. | Constn. of road and drain from near Plot No.-SN/67 to Plot No.-1135 at Shiva Nagar in Ward No.-58 File No.-XXIX-Div.-II-143/2016 | Rs.38,44,891.00 | Rs.40,33,291.00 | Bipin Bihari Patra | 4.90 W.B-2016-17 |
| 16. | Repair to road from Plot No.-LIG-52 to LIG-77 Brit Colony in Ward No.-38 File No.-XXIX-Div.-I-1086/2017 | Rs.4,95,351.00 | Rs.5,19,877.00 | Debasish Mallick | 4.95 W.B-2017-18 |
| 17. | Constn. of road from Plot No.-392 to near Plot No.-447/2353, Plot No.-356 (A) to Plot No.-330/01 and Re-constn. of drain from Plot No.-392 to near Plot No.-447/2353 at Radhakrishna Nagar in Ward No.-58 File No.-XXIX-Div.-II-336/2016 | Rs.17,04,693.00 | Rs.17,88,223.00 | Bipin Bihari Patra | 4.90 W.B-2016-17 |
| 18. | Constn. of CC road to Laxman Nayak Behera Basti near Rental Colony in Ward No.-15 File No.-XXIX-Div.-I-1465/2015 | Rs.8,76,246.00 | Rs.9,19,620.00 | Subodh Ku. Dehuri | 4.95 W.B-2016-17 |
| 19. | Dev. of road and drain at Akarapuri Colony in W.No.-55 File No.-XXIX-Div.-II-545/2016 | Rs.30,55,836.00 | Rs.31,23,064.00 | Hemanta Ku. Behera | 2.20 W.B-2016-17 & 2017-18 |
| 20. | Constn. of road & drain from Nabina Mohapatra Res. to Ramesh Ch.Nayak Res. at Jharna Sahi, at Badagada Villge in Ward No.-44 File No.-XXIX-Div.-II-622/2016 | Rs.16,21,926.00 | Rs.16,99,778.00 | Bipin Bihari Patra | 4.80 W.B-2016-17 |
| 21. | Constn. of Kitchen shed at Budheswari Community Centre in WNo.-42 File No.-XXIX-Div.-II-30/2017 | Rs.8,30,900.00 | Rs.8,71,614.00 | Nihar Ranjan Das | 4.90 W.B-2017-18 |
| 22. | Re-constn. of road from Plot No.-4838 to Plot No.-2838/4116 at Gouri Nagar in Ward No.-60 File No.-XXIX-Div.-II-402/2016 | Rs.15,15,937.00 | Rs.15,90,218.00 | Suprabhat Dash | 4.90 W.B-2016-17 |
| 23. | Constn. of Community Centre at Old Station Bazar in Ward No.-45 File No.-XXIX-Div.-II-126/2016 | Rs.5,00,270.00 | Rs.5,24,783.00 | Sanjib Ku. Das | 4.90 MP LAD |
| 24. | Supply of 10 Nos. skilled ITI (Electrical) personel for maintenance of street light work of BMC File No.-XXVII-42/2017 | Rs.12,73,355.00 | Rs.12,89,358.00 | M/S Binori Caretaking Pvt. Ltd. | 1.257 |

ନିର୍ଦ୍ଧାରଣ -୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧, ୨, ୩, ୪, ୫, ୬, ୮, ୧୦, ୧୬, ୧୮, ୨୧ ଓ ୨୩ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ଲିଖିତ ମତେ ସର୍ବ ନିମ୍ନ ଦରଦାତାଙ୍କର ସର୍ବ ନିମ୍ନ ବୁଝାମଣାକୃତ ଦର ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ.-୭, ୯, ୧୧, ୧୨, ୧୩, ୧୪,୧୫, ୧୭, ୧୯, ୨୦, ୨୨ ଓ ୨୪ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ପରିମାଣ ଓ ସଂପୃକ୍ତ କାର୍ଯ୍ୟର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣାକୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା-277(2)(d) ମତେ ଏହା ଗ୍ରହଣ / ଅନୁମୋଦନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରକାଶ ଥାଉକି, କ୍ର.ନଂ-୨୪ ରେ ବର୍ଣ୍ଣିତ କାର୍ଯ୍ୟପାଇଁ ITI (Elect.) ବ୍ୟକ୍ତି ରଖାଯାଉଥିବାରୁ ଉକ୍ତ ଉପବିଭାଗରେ ବଳକା ଥିବା କର୍ମଚାରୀ ମାନଙ୍କୁ ଅନ୍ୟ ଉପବିଭାଗରେ କାର୍ଯ୍ୟରେ ଲଗାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୨. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନ/ବୈଦ୍ୟୁତିକ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣା କୃତଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ଅନୁମୋଦନ କରିବା ନିମନ୍ତେ କମିଟିଙ୍କ ବିଚ୍ଚାର :-

| କ୍ର. ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Provision of street light in different location at W No.-51 File No.-XXVII-165/2016 | Rs.7,04,435.00 | Rs.6,83,302.00 | M/S Indo Electrical | 3.00 W.B-2016-17 |
| 2. | Estimate for Construction of 3 phase II KV line with 25 KVA 110.4 KV Substation at Saheed Nagar PHEO Pump House under Water ATM Project File No.-XXVII-29/2017 | Rs.3,00,797.00 | Rs.2,80,343.00 | M/S Modern Winding & Electrical | 6.80 |
| 3. | Dismantling & Erection of New SST Pole from Hi-tech Chhak to Pandra Chhak in Ward No.-18 File No.-XXVII-15/2017 | Rs.3,39,273.00 | Rs.2,88,416.00 | M/S Green Innovative Power Pvt. Ltd. | 14.99 R&B Deposit Funds |
| 4. | Provision of street light from Lingaraj Station level crossing to petrol Pump Pokhariput File No.-XXVII-292/2016 | Rs.7,19,116.00 | Rs.6,75,969.00 | M/S Glorious Engineering & Electricals | 6.00 R&B Deposit Funds |
| 5. | Provision of street light inside Mancheswar Industrial Area in W No.-10 File No.-XXVII-296/2016 | Rs.16,36,695.00 | Rs.15,16,725.00 | M/S Green Innovative Power Pvt. Ltd. | 7.33 W.B-2016-17 |
| 6. | Imprv. Of road & drain at Baba Tilak Nagar at Adjacent area in W.No-26 File No.-XXIX-Div.-I-1468/2016 | Rs.46,62,291.00 | Rs.41,02,816.00 | B.Pradhan | 12 W.B-2016-17 2017-18 |
| 7. | Constn. of Control Room & other facilities for the Animal Welfare Centre at Jamukoli, BBSR. File No.-XXIX-Div.-I-1006/2017 | Rs.18,81,563.00 | Rs.18,43,743.00 | Bhagirathi Sahoo | 2.01 BMC Fund |

| | | | | | |
|---|---|---|---|---|---|
| 8. | De-silting of Storm Water Drain No-8 in Bhubaneswar City File No.-XXXXX-V-Drainage-30/2017 | Rs.10,35,290.00 | Rs.8,80,100.40 | S.Ch. Rout | 14.99 BMC Fund |
| 9. | De-silting of Storm Water Drain No-6 in Bhubaneswar City File No.-XXXXX-V-Drainage-27/2017 | Rs.10,32,497.00 | Rs.8,77,726.19 | S.K.Mohanty | 14.99 BMC Fund |
| 10. | De-silting of Storm Water Drain No-4 in Bhubaneswar City File No.-XXXXX-V-Drainage-25/2017 | Rs.9,22,375.34 | Rs.7,84,111.28 | Amin Barisal | 14.99 BMC Fund |
| 11. | De-silting of Storm Water Drain No-10 in Bhubaneswar City (from RD 2200 mtr. To RD 4300 mtr.) File No.-XXXXX-V-Drainage-31/2017 | Rs.10,38,168.63 | Rs.8,82,547.15 | Soudamini Mohanty | 14.99 BMC Fund |
| 12. | De-silting of Storm Water Drain No-3 in Bhubaneswar City File No.-XXXXX-V-Drainage-46/2017 | Rs.6,48,741.09 | Rs.5,51,494.80 | A.K.Mohanty | 14.99 BMC Fund |
| 13. | De-silting of Storm Water Drain No-10 in Bhubaneswar City (from RD 4300 mtr. To RD 7300 mtr.) File No.-XXXXX-V-Drainage-32/2017 | Rs.10,16,064.95 | Rs.8,63,756.81 | Amin Barisal | 14.99 BMC Fund |
| 14. | Constn. of CC road from PNB to Plot No-474 at Nayapalli in W.No-39 File No.-XXIX-Div.-I-1050/2017 | Rs.8,98,564.00 | Rs.8,89,578.00 | Manoj Ku. Behera | 1.00 W.B-2016-17 |
| 15. | Constn. of CC road from Plot No-1359/372 to Plot No-370 at Sashtri Nagar in Ward No-39 File No.-XXIX-Div.-I-1046/2017 | Rs.12,64,723.00 | Rs.12,39,429.00 | M.Ch.Mohanty | 2.00 W.B-2016-17 2017-18 |

ନିର୍ଦ୍ଧାରଣ -୨. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୧, ୨, ୪ ଓ ୧୪ ମଧରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବ ନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୩, ୧୦ ଓ ୧୨ ମଧରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବ ନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର OPWD Code ଅନୁଯାୟୀ ସର୍ତ୍ତ ମୂଳକ ଭାବେ ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୬, ୮, ୯, ୧୧ ଓ ୧୩ ମଧରେ ଉଲ୍ଲିଖିତ କାର୍ଯ୍ୟ ଗୁଡିକର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ୧୦ ଲକ୍ଷ ଟଙ୍କା ରୁ ଅଧିକ ହୋଇଥିବାରୁ ଏବଂ ଅଟକଳ ମୂଲ୍ୟ ଠାରୁ ୧୦% ରୁ ଅଧିକ କମ୍ (Less) ହୋଇଥିବାରୁ OMC Act-2003 ର ଧାରା- 277(2)(d) ମତେ ଓ OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୫, ୭ ଓ ୧୫ ମଧରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ୧୦ ଲକ୍ଷ ଟଙ୍କା ରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା- 277(2)(d) ମତେ ଏହା ଗ୍ରହଣ/ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ -୩. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା- BMC-EE-I-19/2016-17 ତା ୨୫.୦୩.୨୦୧୭ ରିଖରେ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୪୯ ସତ୍ୟସାଇ ଇନ୍‌କ୍ଲାଭ୍ ରାସ୍ତା ମରାମତି ଓ ନିର୍ମାଣ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ଜଣେ ମାତ୍ର ଠିକାଦାର ଭାଗ ନେଇଥିବାରୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ର ସଂଖ୍ୟା-3863/HUD ତା ୨୮.୦୧.୨୦୧୩ ରିଖ ଅନୁସାରେ ଏହାକୁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୯୭୬୦ ତା ୦୨.୦୫.୨୦୧୭ ରିଖରେ ରଦ୍ଦ କରାଯାଇ ପୁନଃ କାର୍ଯ୍ୟାଳୟ ନିବିଦା ସଂଖ୍ୟା-BMC-EE-I-01/2017-18

ତା ୨୬.୦୪.୨୦୧୭ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଦ୍ୱିତୀୟ ବାର ଟେଣ୍ଡର ହେଲାପରେ ମଧ ଏକମାତ୍ର ଠିକାଦାର ଶ୍ରୀ ଅଶୋକ କୁମାର ସ୍ୱାଇଁ ଟେଣ୍ଡର ଦାଖଲ କରିଥିଲେ । ଶ୍ରୀ ସ୍ୱାଇଁଙ୍କ ଟେଣ୍ଡର ଦର ଟ.୧୧,୪୧,୪୭୨/- ଯାହାକି ଅଟକଳ ମୂଲ୍ୟ ଟ.୧୧,୪୨,୬୧୪/- ଠାରୁ (-) 0.10 % less ରେ H & UD Deptt. Letter No.-3863/HUD dt.28.01.2013 OPWD Code Vol.-I Para-3,5,18 Notes (iii) and OPWD Code Vol.-II Appendix-9 Clause-25 ଅନୁସାରେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ସମ୍ପର୍କରେ କମିଟିଙ୍କ ବିଚାର:- ନଥି ନଂ- XXIX-PW-Div.-I-1025/2017 ଟିପ୍ପଣୀ ପୃଷ୍ଠା-୧ ରୁ ୫ ଦ୍ରଷ୍ଟବ୍ୟ ।

**ନିର୍ଦ୍ଧାରଣ-୩.** ପ୍ରସ୍ତାବ ବର୍ଣ୍ଣିତ ମତେ ଶ୍ରୀ ସ୍ୱାଇଁଙ୍କ ଏକକ ନିବିଦା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

**ପ୍ରସ୍ତାବ -୪.** ଭୁବନେଶ୍ୱର ମହାନଗର ନିଗମର ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ ପାଇଁ ଶ୍ରୀ ସଂଗ୍ରାମ ଶତପଥିଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା ।

1- Re-Construction of drain from Plot No.-654 to in front of Plot No.-1102 at Kedar lane, Old Town in Ward No.-60
2- Construction of CC road & drain at Jaleswar Basti, Mundasahi Basti in Ward No.-48
3- Construction of CC road & drain, repair of toilet block at Kandhasahi Basti, Jadi sahi Basti, Neheru Basti, Unit-8 in Ward No.-48

କ୍ରମିକ ନଂ-୧ କାର୍ଯ୍ୟଟିକୁ ଶ୍ରୀ ଶତପଥି ନିର୍ଦ୍ଧାରିତ ସମୟ ମଧରେ ଆରମ୍ଭ କଲେନାହିଁ ଏବଂ କ୍ର.ନଂ-୨ ଓ ୩ କାର୍ଯ୍ୟ ଗୁଡ଼ିକୁ ଶ୍ରୀ ଶତପଥି ନିର୍ଦ୍ଧାରିତ ସମୟ ମଧରେ ସମ୍ପୂର୍ଣ୍ଣ କରିନପାରିବାରୁ, ଶ୍ରୀ ଶତପଥିଙ୍କୁ ଯଥାଶୀଘ୍ର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁରୋଧ କରାଯିବାରୁ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ଆଉ ବଳକା କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ ବୋଲି ଜଣାଇବାରୁ ସମ୍ପୃକ୍ତ ନଥି ଗୁଡ଼ିକ ଯଥା:- ନଥି ସଂଖ୍ୟା- XXIX-PW-Div.-II-119/2015, ନଥି ସଂଖ୍ୟା- XXIX-PW-Div.-II-183/2015 ଓ ନଥି ସଂଖ୍ୟା- 184/2015 ତର୍ଜମା କରି କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୪,୧୯ ଓ ୨୦ ତା ୧୭.୦୯.୨୦୧୬ ରିଖରେ ଶ୍ରୀ ଶତପଥିଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ବନ୍ଦ (Close) କରାଯିବା, ସେ ପୈଠ କରିଥିବା EMD ଓ ISD କୁ ବାଜ୍ୟାପ୍ତି କରାଯିବା, ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ୩ ବର୍ଷ ପାଇଁ ବଂଚିତ କରାଯିବା, ତାଙ୍କୁ କଳା ତାଲିକାଭୁକ୍ତ (Black list) କରାଯିବା, ତାଙ୍କର DSC ବ୍ଲକ୍ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଲେଖିବା ଓ ବଳକା କାର୍ଯ୍ୟର 20 % Penalty (କ୍ର.ନଂ-୨ ଓ ୩ କାର୍ଯ୍ୟ ପାଇଁ) କରାଯିବା ପାଇଁ ନିଷ୍ପତି ନେଇଥିଲେ ।

ବର୍ତ୍ତମାନ ଶ୍ରୀ ଶତପଥି ନିଜର କୌଣସି ଭୁଲ୍ ନଥିବା ଦର୍ଶାଇ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ତା ୧୭.୦୯.୨୦୧୬ ରିଖରେ ତାଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ପୁନଃ ବିଚାର କରି ତାଙ୍କର ବାଜ୍ୟାପ୍ତି ହୋଇଥିବା EMD ଓ ISD ଫେରସ୍ତ କରିବା, ଭୁବନେଶ୍ୱର ମହାନଗର ନିଗମର ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ସହିତ ତାଙ୍କର ସ୍ଥଗିତ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବା ପାଇଁ ମାନ୍ୟବର ମେୟରଙ୍କୁ ଅନୁରୋଧ କରିଛନ୍ତି । ନଥି ନଂ- XXIX-Div.-II-119/2015 (pt) ଟିପ୍ପଣୀ ପୃଷ୍ଠା-୧ ରୁ ୪ ଓ ପତ୍ରାଳାପ ପୃଷ୍ଠା-୧୭ ରୁ ୧୮ ରେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିବୃତି (report) ଓ ନଥି ସଂଖ୍ୟା- XI-PW-Div.-II-39/2017 ପତ୍ରାଳାପ ପୃଷ୍ଠା-୨୩ କୁ ପାଥେୟ କରି ଶ୍ରୀ ସଂଗ୍ରାମ ଶତପଥିଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ପୁନଃ ବିଚାର କରିବା ସମ୍ପର୍କରେ କମିଟିଙ୍କ ବିଚାର:-

**ନିର୍ଦ୍ଧାରଣ-୪.** ଏ ପ୍ରସ୍ତାବ ଉପରେ ନିଗମର ନଗରଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଗମର ବିତ ଅଧିକାରୀ, ତିନି ଜଣ ନିର୍ବାହୀ ଯନ୍ତ୍ରୀ, କର୍ପୋରେଟର ୱାର୍ଡ଼ ନଂ-୪୬, ୪୮ ଓ ୬୦ ଙ୍କୁ ନେଇ ଏକ କମିଟି ଗଠନ କରାଗଲା । ଏହି କମିଟିଙ୍କ ତଥ୍ୟ (report) ଅନୁଯାୟୀ ନିଷ୍ପତି ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ନିର୍ଦ୍ଧାରଣ -୫.** କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଉପରୋକ୍ତ ନିର୍ଦ୍ଧାରଣ ଗୁଡିକ ଆଇନ୍ ଅନୁଯାୟୀ ଏବଂ Codal Procedure ଅନୁସରଣ କରି ଆବଶ୍ୟକୀୟ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରାଯାଉଥିବା ନଥିରେ ସଂପୃକ୍ତ ଠିକାଦାର / ସପ୍ଲାୟର ମାନଙ୍କ ଦ୍ୱାରା ପ୍ରଦତ ଟେଣ୍ଡର / ନିବିଦାରେ ଲିଖିତ ସୂଚନା / ତଥ୍ୟ (Information & Facts) ଏବଂ ନିଗମ ତରଫରୁ ପ୍ରସ୍ତୁତ ବିସ୍ତୃତ ଟେଣ୍ଡର ନୋଟିସ୍ (DTCN) ର ସର୍ତାବଳୀରେ ଭବିଷ୍ୟତରେ ଯଦି କୌଣସି ଅସାମଞ୍ଜସ୍ୟ / ତାରତମ୍ୟ (Difference), ତ୍ରୁଟି, ଖିଲାପ ପରିଲିକ୍ଷିତ ହୁଏ, ତେବେ ସଂପୃକ୍ତ ଟେଣ୍ଡର ପେପର / ଡକ୍ୟୁମେଂଟଗୁଡ଼ିକୁ ଯାଂଚ୍ (Check) କରିଥିବା ସମସ୍ତ ସରକାରୀ ଅଧିକାରୀ ମାନେ ଏଥିପାଇଁ ଦାୟୀ ରହିବେ ବୋଲି ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୬.୧୦ ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/-ଅନନ୍ତ ନାରାୟଣ ଜେନା
ସଭାପତି
ତା 29.06.2017 ରିଖ

29/06/2017

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୩୦.୦୬.୨୦୧୭ ରିଖ ✷ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✷ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

***ସର୍ବଶ୍ରୀ/ଶ୍ରୀମତୀ:***

୧. ଅନନ୍ତ ନାରାୟଣ ଜେନା — ମେୟର
୨. କେ. ଶାନ୍ତି — ଡେପୁଟି ମେୟର
୩. ମମତା ରାଉତ — ୱାର୍ଡ ନଂ-୦୧
୪. ହରିଶ୍ ଚନ୍ଦ୍ର ମୁର୍ମୁ — ୱାର୍ଡ ନଂ-୦୨
୫. ଯୟନ୍ତୀ ଜେନା — ୱାର୍ଡ ନଂ-୦୩
୬. ଗାୟତ୍ରୀ ଲେଙ୍କା — ୱାର୍ଡ ନଂ-୦୪
୭. ନିର୍ମଳ ଚନ୍ଦ୍ର ରାଉତ — ୱାର୍ଡ ନଂ-୦୫
୮. ପ୍ରୀତିନନ୍ଦା ରାଉତରାୟ — ୱାର୍ଡ ନଂ-୦୬
୯. ସ୍ୱର୍ଣ୍ଣପ୍ରଭା ରାୟ — ୱାର୍ଡ ନଂ-୦୭
୧୦. ମୋନାଲିସା ସାହୁ — ୱାର୍ଡ ନଂ-୦୮
୧୧. ସୂର୍ଯ୍ୟକାନ୍ତି ଜେନା — ୱାର୍ଡ ନଂ-୦୯
୧୨. ପ୍ରଣତି ନାୟକ — ୱାର୍ଡ ନଂ-୧୦
୧୩. ରଶ୍ମିତା ମହାନ୍ତି — ୱାର୍ଡ ନଂ-୧୧
୧୪. ସଞ୍ଜୟ କୁମାର ସେଠୀ — ୱାର୍ଡ ନଂ-୧୨
୧୫. ଦେବୀ ପ୍ରସାଦ ମଲ୍ଲିକ୍ — ୱାର୍ଡ ନଂ-୧୪
୧୬. ସମୀର ପ୍ରଧାନ — ୱାର୍ଡ ନଂ-୧୫
୧୭. ଭାରତୀ ସିଂ — ୱାର୍ଡ ନଂ-୧୬
୧୮. ସୁସ୍ମିତା ଦାସ — ୱାର୍ଡ ନଂ-୧୭
୧୯. ସୁକାନ୍ତି ସୁବୁଦ୍ଧି — ୱାର୍ଡ ନଂ-୧୮
୨୦. ଜ୍ୟୋସ୍ନାରାଣୀ ରାଉତରାୟ — ୱାର୍ଡ ନଂ-୧୯
୨୧. ବାସନ୍ତି ସିଂ — ୱାର୍ଡ ନଂ-୨୦
୨୨. ପ୍ରେମାନନ୍ଦ ଜେନା — ୱାର୍ଡ ନଂ-୨୧
୨୩. ହରେକୃଷ୍ଣ ନାୟକ — ୱାର୍ଡ ନଂ-୨୨
୨୪. ଦିଲିପ କୁମାର ମାଝୀ — ୱାର୍ଡ ନଂ-୨୩
୨୫. ହରପ୍ରିୟା ସାହୁ — ୱାର୍ଡ ନଂ-୨୪
୨୬. ମାନସୀରାଣୀ ସୁନ୍ଦରାୟ — ୱାର୍ଡ ନଂ-୨୫
୨୭. ଝୁନୀବାଳା ଦେଇ — ୱାର୍ଡ ନଂ-୨୬
୨୮. ପ୍ରତିମା ରାଉତରାୟ — ୱାର୍ଡ ନଂ-୨୭
୨୯. ପୁଷ୍ପାଞ୍ଜଳି ଦାସ — ୱାର୍ଡ ନଂ-୨୮
୩୦. ସେଖ୍ ନିଜାମଉଦ୍ଦିନ୍ — ୱାର୍ଡ ନଂ-୨୯
୩୧. ଶାଶ୍ୱତୀ ମିଶ୍ର — ୱାର୍ଡ ନଂ-୩୦
୩୨. କୁମାରେନ୍ଦ୍ର ମହାପାତ୍ର — ୱାର୍ଡ ନଂ-୩୧
୩୩. ସୁରେଶ ଚନ୍ଦ୍ର ଜେନା — ୱାର୍ଡ ନଂ-୩୩
୩୪. ଭାନୁପ୍ରିୟା ଦାସ — ୱାର୍ଡ ନଂ-୩୪
୩୫. ଦେବାଶିଷ ରିତ — ୱାର୍ଡ ନଂ-୩୫
୩୬. ନିର୍ମଳ କୁମାର ସାହୁ — ୱାର୍ଡ ନଂ-୩୬
୩୭. ନବକିଶୋର ବେହେରା — ୱାର୍ଡ ନଂ-୩୭
୩୮. ନିଖିଳ କୁମାର ବଳବନ୍ତରାୟ — ୱାର୍ଡ ନଂ-୩୮
୩୯. ପ୍ରତିଭା ସାମନ୍ତରାୟ — ୱାର୍ଡ ନଂ-୩୯
୪୦. ରାମଚନ୍ଦ୍ର ପ୍ରଧାନ — ୱାର୍ଡ ନଂ-୪୦
୪୧. ମମତା ସାହୁ — ୱାର୍ଡ ନଂ-୪୧
୪୨. ପୁଷ୍ପାଞ୍ଜଳି ସେଠୀ — ୱାର୍ଡ ନଂ-୪୨
୪୩. ରାଜଲକ୍ଷ୍ମୀ ନାଏକ — ୱାର୍ଡ ନଂ-୪୩
୪୪. ରଚନା ପାଟସାହାଣୀ — ୱାର୍ଡ ନଂ-୪୪
୪୫. ଅମରେଶ ଜେନା — ୱାର୍ଡ ନଂ-୪୫
୪୬. ପ୍ରଣବ କିଶୋର ସ୍ୱାଇଁ — ୱାର୍ଡ ନଂ-୪୬
୪୭. ନିହାର ରଞ୍ଜନ ସାହୁ — ୱାର୍ଡ ନଂ-୪୮
୪୮. ଅଶ୍ୱିନୀ କୁମାର ସୁନ୍ଦରାୟ — ୱାର୍ଡ ନଂ-୪୯
୪୯. ସୁଜିତ କୁମାର ସ୍ୱାଇଁ — ୱାର୍ଡ ନଂ-୫୦
୫୦. ବିନୟନୀ ଜେନା — ୱାର୍ଡ ନଂ-୫୧
୫୧. ଶ୍ରୀଧର ବେହେରା — ୱାର୍ଡ ନଂ-୫୨
୫୨. ମହାମାୟା ସ୍ୱାଇଁ — ୱାର୍ଡ ନଂ-୫୩
୫୩. ବନ୍ଦନା ସାହୁ — ୱାର୍ଡ ନଂ-୫୭
୫୪. ପୁଷ୍ପା ଦାସ — ୱାର୍ଡ ନଂ-୫୮
୫୫. ବିରଂଚି ନାରାୟଣ ମହାସୁପକାର — ୱାର୍ଡ ନଂ-୫୯
୫୬. ଦୀପ୍ତିମୟୀ ସମର୍ଥା — ୱାର୍ଡ ନଂ-୬୦
୫୭. ଅନିତାରାଣୀ ମହାନ୍ତି — ୱାର୍ଡ ନଂ-୬୧
୫୮. ହୃଦୟ ବଲ୍ଲଭ ସାମନ୍ତରାୟ — ୱାର୍ଡ ନଂ-୬୨
୫୯. ରଘୁନାଥ ମହାନ୍ତି — ୱାର୍ଡ ନଂ-୬୩
୬୦. ମୁଜାହିଦ୍ ହୁସେନ୍ — ୱାର୍ଡ ନଂ-୬୪
୬୧. ଜୋସ୍ନାମୟୀ ଜେନା — ୱାର୍ଡ ନଂ-୬୫
୬୨. ଛବି ଦାଶ — ୱାର୍ଡ ନଂ-୬୬
୬୩. ଦେବୀ ପ୍ରସାଦ ନନ୍ଦ — ୱାର୍ଡ ନଂ-୬୭
୬୪. ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ବିଧାୟକ "ଏକାମ୍ର" ଭୁବନେଶ୍ୱର
ତଥା ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ
୬୫. ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର"

ଅଦ୍ୟ ତା ୩୦.୦୬.୨୦୧୭ ରିଖ ପୂର୍ବାହ୍ଣ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର " ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ / ଚେୟାରପରସନ୍, କର୍ପୋରେଟର, ଅତିରିକ୍ତ କମିଶନର, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ନିଗମର ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ନିଗମରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଅଂଚଳିକ ଅଧିକାରୀ ଶ୍ରୀ ବିନୟ କୁମାର ଦାସ ଓ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କୁ କର୍ପୋରେସନ ତରଫରୁ ସଭାପତିଙ୍କ ଅନୁରୋଧ କ୍ରମେ ଯଥାକ୍ରମେ ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମାନ୍ୟବର ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଅଂଚଳିକ ଅଧିକାରୀ ଶ୍ରୀ ବିନୟ କୁମାର ଦାସ ତାଙ୍କ ମୋବାଇଲ୍ ଫୋନ୍ ନଂ-୯୪୩୭୨୮୪୪୬୯ ଏବଂ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ତାଙ୍କର ମୋବାଇଲ୍ ଫୋନ୍ ନଂ-୯୪୩୭୨୧୬୭୮୧ ସମସ୍ତଙ୍କ ଅବଗତ ନିମନ୍ତେ ଜଣାଇଥିଲେ ।

ସଭାପତି ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ, ଆସନ୍ତା ତା ୦୫.୦୭.୨୦୧୭ ରିଖ ଠାରୁ ତା ୦୯.୦୭.୨୦୧୭ ରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଏସିଆନ୍ ଆଥେଲେଟିକ୍ ଚମ୍ପିଆନ୍‌ସିପ୍ ଆରମ୍ଭ ହେବ । ଏଥିରେ ୪୫ ଟି ଦେଶର ଖେଳାଳି ଭାଗ ନେଉଛନ୍ତି । ଏଥିପାଇଁ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା । ଏହାପରେ ହକି ୱାର୍ଲ୍ଡ କପ୍ ହେବ । ସେଥିପାଇଁ ଆମେ ଉତ୍ସାହିତ ଓ ଗର୍ବିତ । ସେଥିପାଇଁ ନିଗମାଂଚଳର ରାସ୍ତା ଆଲୋକୀକରଣ, ସଫେଇ ଓ ପରିମଳ, ସବୁଜୀକରଣ, ପ୍ରାଚୀର ଚିତ୍ରଣ, ଖାଦ୍ୟ ଯାଂଚ୍ କାର୍ଯ୍ୟ ଚାଲିଅଛି । କମିଶନର ଓ ସ୍ମାର୍ଟସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଏହି କାର୍ଯ୍ୟର ତତ୍ତ୍ୱାବଧାନରେ ଅଛନ୍ତି ।

ଗତକାଲି କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିରେ ବହୁତ ବିଷୟ ଆଲୋଚନା ହୋଇଅଛି । ଚଳିତ ବର୍ଷାଋତୁରେ ବର୍ଷାପାଣି ଜମିବା ଆଶଙ୍କା ରହିଅଛି । ବିଶେଷତ ସି.ଆର୍.ପି. ଛକ, ଆର୍ଯ୍ୟ ବିହାର ଛକ, ବମିଖାଲ ଠାରୁ କଳ୍ପନା ଛକ, ରଥ ରୋଡ୍, ଘାଟିକିଆ ନାକାଗେଟ୍, ଇସ୍କନ ମନ୍ଦିର ପାଖରେ ବର୍ଷାଜଳ ଜମିବାର ଆଶଙ୍କା ରହିଅଛି । ନିଗମାଂଚଳରେ ଥିବା ୧୦ ଗୋଟି ମୁଖ୍ୟ ନାଳ ସଫେଇ କାର୍ଯ୍ୟ ଚାଲିଅଛି । ନିଗମାଂଚଳରେ ୩୫୦୦୦ ଗୋଟି ଏଲିଡ଼ି ଲାଇଟ୍ ଲାଗିସାରିଲାଣି । ଆଉ ଛଅ ହଜାର ଏଲିଡ଼ି ଲାଇଟ୍ ଲାଗିବ । ନିଗମାଂଚଳରେ କେତେକ ଜାଗାରେ ରାସ୍ତା ଆଲୋକ ବ୍ୟବସ୍ଥା ନାହିଁ । ସେଠାରେ ଆଲୋକ ବ୍ୟବସ୍ଥା କରିବା ପାଇଁ ମାନ୍ୟବର ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଆମେ ଅନୁରୋଧ କରିବା । ସ୍ୱେରେଜ ବୋର୍ଡ଼ରୁ ଆସିଥିବା ଅଧିକ୍ଷକ ଯନ୍ତ୍ରୀ ନିଗମାଂଚଳରେ ଚାଲିଥିବା ସ୍ୱେରେଜ କାର୍ଯ୍ୟ ସମ୍ପର୍କରେ ଗୃହକୁ ଜଣାଇବା ପାଇଁ କହିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଅଧିକ୍ଷକ ଯନ୍ତ୍ରୀ କହିଥିଲେ ଯେ, ସ୍ୱେରେଜ କାମ ପାଇଁ ତିନି ଗୋଟି ଡ଼ିଷ୍ଟ୍ରିକ୍ଟ ପାଇଁ ଟେଣ୍ଡର ଫଇସଲା ହୋଇଅଛି । ଭୁବନେଶ୍ୱର ମହାନଗର ନିଗମକୁ ୨୦୦୯ ମସିହାରେ ଆମେ ଦେଇଥିବା ପ୍ରାୟ ଛଅ କୋଟି ଟଙ୍କାରୁ ଆଉ ପ୍ରାୟ ୨ କୋଟି ୬୨ ଲକ୍ଷ ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦିଆଯାଇନାହିଁ । ଏଥିପାଇଁ ଅଡ଼ିଟି ଆପତି ଉଠାଉଅଛି । ଆଉ ଦୁଇ ଗୋଟି ଡ଼ିଷ୍ଟ୍ରିକ୍ଟ ପାଇଁ ଅର୍ଥ ମଞ୍ଜୁର କରାଯାଇଅଛି ।

ଏହା ଉପରେ ମାନ୍ୟବର ମେୟର ଅଧିକ୍ଷକ ଯନ୍ତ୍ରୀଙ୍କୁ କହିଥିଲେ ଯେ, ସ୍ୱେରେଜ ଲାଇନ୍ ବିଛାଇବା ପରେ ରାସ୍ତା ଖରାପ ହୋଇପଡୁଅଛି । ଆମେ Estimate ପଠାଇଲେ ଅର୍ଥ ଦେଉନାହାଁନ୍ତି କିମ୍ବା କର୍ପୋରେଟରମାନେ ଆପଣଙ୍କ ଅଫିସକୁ ଗଲେ ଗୁରୁତ୍ୱ ଦେଉନାହାଁନ୍ତି । ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଆମ୍ଭମାନଙ୍କୁ ଦାୟୀ କରୁଛନ୍ତି । ଆପଣମାନେ ଯେଉଁ କାମ କରୁଛନ୍ତି ସେହି ସାଇଟ୍‌ରେ କେତେ ଟଙ୍କାର କାର୍ଯ୍ୟ, କେବେ ଆରମ୍ଭ ହେବ ଓ କେବେ ଶେଷ ହେବ ବୋର୍ଡ଼ ଲଗାନ୍ତୁ । House Connection, Treatment Plant, Pumping ବ୍ୟବସ୍ଥା ଆପଣମାନେ ଏପର୍ଯ୍ୟନ୍ତ କଲେନାହିଁ । ଆଉ କେତେ ଅର୍ଥର ବିନିଯୋଗ ପ୍ରମାଣପତ୍ର ଦିଆଯାଇନାହିଁ ସେଥିପାଇଁ ସ୍ୱେରେଜବୋର୍ଡ଼ର ଅଧିକାରୀ ଓ ନିଗମର ମୁଖ୍ୟ ବିତ ଅଧିକାରୀ ନଗର ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ଡ଼ାକି ସମାଧାନ କରିବା ପାଇଁ ନିଗମର ଅତିରିକ୍ତ କମିଶନରଙ୍କୁ ସଭାପତି ଦାୟିତ୍ୱ ଦେଇଥିଲେ ।

ସଭାପତିଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ "ଉତର" ଶ୍ରୀ ପ୍ରିୟଦର୍ଶୀ ମିଶ୍ର ମାନ୍ୟବର ମନ୍ତ୍ରୀ, ମାନ୍ୟବର ମେୟର, ଡ଼େପୁଟି ମେୟର, ଅତିରିକ୍ତ କମିଶନର, ସମସ୍ତ କର୍ପୋରେଟରଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ସ୍ମାର୍ଟସିଟି ଭୁବନେଶ୍ୱରରେ ୨୨ ତମ ଏସିଆନ୍ ଆଥେଲେଟିକ୍ ଚମ୍ପିଆନ୍‌ସିପ୍ ଅନୁଷ୍ଠିତ ହେଉଅଛି । ଏଥିରେ ୪୫ ଦେଶର ଖେଳାଳି ଭାଗ ନେବେ । ଏଥିପାଇଁ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା । ନିଗମାଂଚଳର ସଫେଇ ଓ ପରିମଳ କାର୍ଯ୍ୟ ଓ ନାଳ ସଫେଇ କାର୍ଯ୍ୟ ଚାଲିଥିବାରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଅଛି । ଡ଼ଷ୍ଟବିନ୍‌ର ଆବଶ୍ୟକତା ଥିଲା । ବରିଷ୍ଠ ନାଗରିକମାନଙ୍କ ପାଇଁ ବସରେ ସିଟ ସଂରକ୍ଷଣ କରିବା ପାଇଁ ବରିଷ୍ଠ ନାଗରିକମାନେ ଅନୁରୋଧ କରିଛନ୍ତି । ଶିଖରଚଣ୍ଡୀ ଠାରେ ଡ଼ାକ୍ତରଖାନା ପାଇଁ ଜମି ସମାଧାନ ରହିଅଛି । ଶିଖରଚଣ୍ଡୀ ନିକଟ ଶ୍ମଶାନ ପାଇଁ ଜାଗା ମିଳି ଯାଇଅଛି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ କହିଥିଲେ ଯେ, ସ୍ୱେରେଜ ଟାଙ୍କି ସଫା କରି ରାସ୍ତା ଉପରେ ଜମା କରୁଛନ୍ତି । ସେଗୁଡ଼ିକ ସଫା କରି ନନେବାରୁ ରାସ୍ତା ଆବର୍ଜନା ହେଉଅଛି । ଏହା ଉପରେ ଆଲୋଚନା କରାଗଲା । ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ନିଗମର ନଗର ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଏଗୁଡ଼ିକ ଉଠାଇବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଶାଶ୍ୱତୀ ମିଶ୍ର କହିଥିଲେ ଯେ, ସ୍ମାର୍ଟସିଟି ଅଧିନରେ ଯାଉଥିବା ୱାର୍ଡ଼ ଗୁଡ଼ିକରେ ରାସ୍ତା ଓ ନାଳ ଅବସ୍ଥା ଖରାପ ହୋଇଥିଲେ ମଧ ସେଠାରେ କାର୍ଯ୍ୟ ହେଉନାହିଁ । ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇ ଆମକୁ କହୁଛନ୍ତି । ସ୍ମାର୍ଟସିଟି କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଉ ଦୁଇ ବର୍ଷ ଲାଗିପାରେ । ତେଣୁ ଏହି ୱାର୍ଡ଼ ଗୁଡ଼ିକରେ କାର୍ଯ୍ୟ କରାଯାଉ ବୋଲି ଦାବି କରିଥିଲେ । ତାଙ୍କୁ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ, ଭାନୁପ୍ରିୟା ଦାସ ଓ ମମତା ସାହୁ ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଏହା ଉପରେ କମିଶନରଙ୍କ ଅଧକ୍ଷତାରେ ସ୍ମାର୍ଟସିଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ, ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ଓ ଖଣ୍ଡ-୨, ସ୍ମାର୍ଟସିଟିର ଜେନେରାଲ୍ ମ୍ୟାନେଜର୍ ଓ ସମ୍ପୃକ୍ତ ଚାରି ଗୋଟି ୱାର୍ଡ଼ର କର୍ପୋରେଟର ମାନଙ୍କର ଏକ ବୈଠକ ଡ଼ାକି ନିଷ୍ପତି ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ହୃଦୟବଲ୍ଲଭ ସାମନ୍ତରାୟ କହିଥିଲେ ଯେ, କେତେକ ବ୍ୟକ୍ତି ସରକାରୀ ଖାଲିଜାଗା, ରାସ୍ତାକଡ଼, ନାଳ ଉପରେ ଜବରଦଖଲ କରିଗଲେଣି । ସେଗୁଡ଼ିକ ଉଚ୍ଛେଦ ହେଉନାହିଁ ଏବଂ କେତେକ ଜାଗାରେ ପକ୍କାଘର ତିଆରି କଲେଣି । ସେଗୁଡ଼ିକ ଉଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ । ତାଙ୍କୁ କର୍ପୋରେଟର ଶ୍ରୀ ଦେବାଶିଷ ସିଟ୍ ଓ ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଜବରଦଖଲ ହୋଇଥିବା ସ୍ଥାନ ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ପ୍ରଣବ କିଶୋର ସ୍ୱାଇଁ କହିଥିଲେ ଯେ, କଞ୍ଜରଭେନ୍ସି ଲେନ୍‌ର ଅଳିଆ ଓ ଡ଼େବ୍ରିଜ୍ ଜମା ହୋଇ ଘରେ ପାଣି ପଶିଲାଣି । ସେଗୁଡ଼ିକୁ ସଫା କରାଯାଉ ବୋଲି ଦାବି କରିଥିଲେ । ତାଙ୍କୁ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ ଓ ଶ୍ରୀମତୀ ଶାଶ୍ୱତୀ ମିଶ୍ର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଏହି ଅଳିଆ, ଡ଼େବ୍ରିଜ୍ ବହୁଦିନ ହେବ ଜମା ହେବାରୁ ଏହାକୁ BMC Fund ରୁ ଖର୍ଚ୍ଚ କରି ଉଠାଇବା ଏବଂ ଆବଶ୍ୟକ ହେଲେ କଞ୍ଜରଭେନ୍ସି ଲେନ୍‌କୁ ପାର୍କ ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୩୦.୦୫.୨୦୧୭ ରିଖ ନିଗମ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

ନିର୍ଦ୍ଧାରଣ-୧. ଗତ ତା ୩୦.୦୫.୨୦୧୭ ରିଖ ନିଗମ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ -୨. <u>ଭୁବନେଶ୍ୱର ମହାନଗର ନିଗମ କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ</u> : (ତା ୩୦.୦୬.୨୦୧୭ ରିଖ)

<u>ଶ୍ରୀମତୀ ବିନୟିନୀ ଜେନା, ୱାର୍ଡ ନଂ-୫୧</u>

ପ୍ରଶ୍ନ -୨(୧). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ହିତାଧିକାରୀଙ୍କ ପାଇଁ ସର୍ବନିମ୍ନ କେତେ ଡି.ସି.ମି. ଜାଗା ଧାର୍ଯ୍ୟ କରାଯାଇଛି ? ଯେଉଁମାନଙ୍କ ପରିବାରର ସଦସ୍ୟ ସଂଖ୍ୟା ଅଧିକ ଓ ଜାଗା କମ୍ ସେମାନେ କିପରି ଏହି ଯୋଜନାରେ ସୁବିଧା ପାଇପାରିବେ ?

ଉତର -୨(୧). ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ବ୍ୟକ୍ତିଗତ ଗୃହ ନିର୍ମାଣ) ରେ ଜଣେ EWS Category ବ୍ୟକ୍ତି ଅନ୍ୟୁନ 30 sqr. mtr. ପକ୍କାଛାତ ଗୃହ ଏକ ମହଲା ବା ତଦ୍‌ଧିକ ମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି । ମାତ୍ର ସର୍ବନିମ୍ନ କେତେ ଡ଼ି.ସି.ମି. ଜାଗା ଆବଶ୍ୟକ ସେଭଳି କୌଣସି ନିର୍ଦ୍ଦେଶାବଳୀ ନାହିଁ।

ପ୍ରଶ୍ନ -୨(୨). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, କୃଷିବିହାର ଛକ ଠାରୁ ଜାଗମରା ଯିବା ରାସ୍ତାର ବାମପଟେ (ଡ୍ରେନ୍ ସେପଟରେ) ଥିବା ଲକ୍ଷ୍ମୀ ସେଲୁନ୍ ଠାରୁ ବିଭବ ଏଷ୍ଟେଟ୍ ପର୍ଯ୍ୟନ୍ତ (ପ୍ଲଟ୍ ନଂ-୧୫୪୭/୬୨୩୮ ଏବଂ ୧୪୮୦ ପାଖ) ଜାଗା କାହାର ?

ଉତର -୨(୨). ରେକର୍ଡ଼ ଓ ନକ୍ସା ଯାଂଚ୍ କରିବାରେ ଜଣାଯାଏ ଯେ, ପ୍ଲଟ୍ ନଂ-୧୫୪୭/୬୨୩୮ ଏବଂ ୧୪୮୦ ପାଖ ପ୍ଲଟ୍‌ଟି ୧୫୪୭ ଅଟେ । ଉକ୍ତ ପ୍ଲଟ୍ ନଂ-୧୫୪୭ ରକବା AC 0.257, କିସମ-ଶାରଦ ଦୁଇ, ସ୍ଥିତିବାନ୍ ଖାତା ନଂ-୪୦୧ ରେ ପ୍ରଭାବତୀ ସ୍ୱାଇଁ, ସ୍ୱା-ନରେନ୍ଦ୍ର ସ୍ୱାଇଁ, ଜାତି-ଖଣ୍ଡାୟତ, ସା-ନିଜଗାଁ ନାମେ ରେକର୍ଡ଼ ଅଛି ।



30/06/2017

**ଶ୍ରୀ ଦେବୀ ପ୍ରସାଦ ମଲ୍ଲିକ୍, ୱାର୍ଡ ନଂ-୧୪**

ପ୍ରଶ୍ନ -୨(୩). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ଗତ ଦୁଇ ବର୍ଷ ତଳେ R & B ବିଭାଗ ତରଫରୁ ସେକ୍ଟର-୫ ଓ ଆଦର୍ଶ ବସ୍ତି, ହରେକୃଷ୍ଣ ବସ୍ତି, ପଣ୍ଡା ପାର୍କ ବସ୍ତି, ଭିନ୍ନା କଲୋନୀ ବସ୍ତି ଓ ଓମ୍‌ଫେଡ୍ ବସ୍ତି ମଝିରେ ଥିବା ଦୁଇ ଶହ ଫୁଟ ରାସ୍ତାର ପ୍ରଶସ୍ତିକରଣ ସମୟରେ ସେଠାରେ ଲାଗିଥିବା ଆଲୋକବତୀ ଓ ଖୁଂଟି ଉଠାଇବାକୁ କାହାର ଅନୁମତି ନେଇଥିଲେ ଓ ଏହାକୁ ଲଗାଇବା ଦାୟିତ୍ୱ କାହାର ଅଟେ ? ଏ ସମ୍ବନ୍ଧରେ ମହାନଗର ନିଗମ କି' କି' ପଦକ୍ଷେପ ନେଇଅଛି ?

ଉତର -୨(୩). ସେକ୍ଟର-୫ ଓ ଆଦର୍ଶ ବସ୍ତି, ହରେକୃଷ୍ଣ ବସ୍ତି, ପଣ୍ଡା ପାର୍କ ବସ୍ତି, ଭିନ୍ନା କଲୋନୀ ବସ୍ତି ଓ ଓମ୍‌ଫେଡ୍ ବସ୍ତି ମଝିରେ ଥିବା ଦୁଇ ଶହ ଫୁଟ ରାସ୍ତାର ପ୍ରଶସ୍ତିକରଣ ସମୟରେ ଉକ୍ତ ରାସ୍ତାରେ କୌଣସି ଆଲୋକବତୀ ଓ ଖୁଂଟି ନଥିଲା । ଉକ୍ତ ରାସ୍ତାଟିର ଆଲୋକୀକରଣ କାର୍ଯ୍ୟ, Energy Efficient Street Lighting in Bhubaneswar on PPP mode (Phase-II) ମାଧ୍ୟମରେ ସମ୍ପାଦନ କରିବା ନିମନ୍ତେ ପ୍ରସ୍ତାବ ରହିଅଛି ।

ଆଲୋଚନାରେ ଭାଗନେଇ କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ କହିଥିଲେ ଯେ, IDCO ଏରିଆରେ ରାସ୍ତା ଆଲୋକ ନଥିବାରୁ ଯାତାୟାତରେ ଅସୁବିଧା ହେଉଛି । ଏହା ଉପରେ ଆଲୋଚନା କରାଗଲା ଏବଂ IDCO ଅଂଚଳରେ ରାସ୍ତା ଆଲୋକ ବ୍ୟବସ୍ଥା କରିବା ପାଇଁ IDCO ର ଅଧିକାରୀଙ୍କୁ ଅନୁରୋଧ କରାଯିବ, IDCO ନକଲେ ଭୁବନେଶ୍ୱର ମହାନଗର ନିଗମକୁ ଅର୍ଥ ପୈଠ କଲେ ମହାନଗର ନିଗମ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩. **ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-**

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. **ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-**

ନିର୍ଦ୍ଧାରଣ-୪(୧). ଗତ ତା27.06.2017 ରିଖ ଟ୍ୟାକ୍‌ସେସନ୍, ଫାଇନାନ୍‌ସ ଆଣ୍ଡ ଆକାଉଂଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା 27.06.2017 ରିଖ ପବ୍ଲିକ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା 27.06.2017 ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା 27.06.2017 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା 27.06.2017 ରିଖ ଏଜ୍ୟୁକେଶନ, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା 27.06.2017 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା 29.06.2017 ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା 27.06.2017 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା 27.06.2017 ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା 27.06.2017 ରିଖ ସ୍ଲମ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ମଇ-୨୦୧୭ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ -୬.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୩୦.୦୬.୨୦୧୭ ରିଖ)**

**ଶ୍ରୀମତୀ ବିନୟିନୀ ଜେନା, ୱାର୍ଡ ନଂ-୫୧**

ପ୍ରସ୍ତାବ -୬(୧). ୱାର୍ଡ ନଂ-୫୧ ରେ ଏକ Public Toilet, Water ATM, Community Centre ଓ ୨ ଟି ଅଙ୍ଗନୱାଡ଼ି ପାଇଁ ବାରମ୍ବାର ଦରଖାସ୍ତ ଦେଇଥିଲେ ମଧ GA Deptt. ପାଖରେ ଯାଇ ଦରଖାସ୍ତଟି ଅଟକିଯାଉଛି । ଯେଉଁ ସ୍ଥାନ ଗୁଡ଼ିକ ପାଇଁ ଏହି ବାବଦରେ ଦରଖାସ୍ତ ହୋଇଛି, ସେଠାରେ ବର୍ତମାନ ଜମି ମାଫିଆମାନେ Illegal Construction କରୁଛନ୍ତି ଏବଂ କେତେକ ଯାଗାରେ Illegal Activities ମଧ ହେଉଛି । ଏଣୁ ୱାର୍ଡ ନଂ-୫୧ ରେ ବର୍ତମାନ ପର୍ଯ୍ୟନ୍ତ କୌଣସି Project ହୋଇନାହିଁ ।

ଏଣୁ ଅନୁରୋଧ କରେକି, ୱାର୍ଡ ନଂ-୫୧ ରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଭିନ୍ନ Project ମାଧମରେ କରାଯିବା ପାଇଁ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ:-

ନିର୍ଦ୍ଧାରଣ -୬(୧). ପ୍ରସ୍ତାବ ବର୍ଣ୍ଣିତ ୱାର୍ଡରେ Public Toilet, Water ATM କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ଏବଂ ଯେଉଁ ୱାର୍ଡରେ Community Centre ନାହିଁ ସେହି ୱାର୍ଡରେ କମ୍ୟୁନିଟି ସେଂଟର ନିର୍ମାଣ କରିବା ନିମନ୍ତେ ଜାଗା ନିଗମ ସପକ୍ଷରେ Allotment କରିବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ଶ୍ରୀ ସଞ୍ଜୟ କୁମାର ସେଠୀ, ୱାର୍ଡ ନଂ-୧୨**

ପ୍ରସ୍ତାବ -୬(୨). ୱାର୍ଡ ନଂ-୧୨ ରେ ଦେଶରକ୍ଷୀ ସ୍କୁଲ୍ ସୈନିକ ସ୍କୁଲ୍ କ୍ୟାମ୍ପସ୍ ପାଖରେ ଅଛି । ତାହା ବର୍ତମାନ Unsafe Condition ରେ ଅଛି । ୱାର୍ଡ ନଂ-୧୨ ରେ କୌଣସି Community Hall କିମ୍ବା Centre ନାହିଁ । ଯଦି ଏହାର Re-Construction କରିବା ସହିତ ଏହାର ସତ୍ୱ ବିଧିବଦ୍ଧ ବି.ଏମ୍.ସି. କୁ ହସ୍ତାନ୍ତର କଲେ ୱାର୍ଡବାସୀ ଉପକୃତ ହେବେ । ପ୍ରକାଶ ଥାଉକି, ସ୍କୁଲଟି ବନ୍ଦ ହେବାପରେ ବର୍ତମାନ North Zone ର ଆଧାର କାର୍ଡ଼ ସେଂଟର ଭାବେ କାର୍ଯ୍ୟ କରୁଛି । ଏ ବିଷୟ ସମ୍ପୃକ୍ତ ZDC ଏବଂ Addl. Commissioner ଙ୍କ ଅବଗତିରେ ଅଛି । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ:-

ନିର୍ଦ୍ଧାରଣ -୬(୨). ଏ ପ୍ରସ୍ତାବ ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ ପତ୍ର ମାଧମରେ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୩୦.୦୬.୨୦୧୭ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସ୍ୱର୍ଗତ ବ୍ରଜବନ୍ଧୁ ନାଏକ ଜଣେ ନିୟମିତ ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ । ସେ ଗତ ତା ୨୩.୦୬.୨୦୧୪ ରିଖରେ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁତ୍ର ଶ୍ରୀ ଟୁନା ନାଏକ, ମହାନଗର ନିଗମରେ ପୁନଃ ଥଇଥାନ ଯୋଜନାରେ ଝାଡୁଦାର ଚାକିରୀ ନିମନ୍ତେ ଆବେଦନ କରିଅଛନ୍ତି । ନଥି ସଂଖ୍ୟା- XXVI-113/2017 ଟିପ୍ପଣୀ ପୃଷ୍ଠା-୧ ରୁ ୫ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ଟୁନା ନାଏକଙ୍କୁ ପୁନଃ ଥଇଥାନ ଯୋଜନାରେ ଝାଡୁଦାର ପଦବୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ସୁପାରିଶ କରିବା ନିମନ୍ତେ କର୍ପୋରେସନ ଏଷ୍ଟାବ୍ଲିସମେଂଟ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୪ ତା ୨୪.୦୪.୨୦୧୭ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍ ଅନୁଯାୟୀ ମେୟରଙ୍କ ଆଦେଶମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ -୭(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮. ତା ୩୦.୦୬.୨୦୧୭ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :- (ସଭାପତିଙ୍କ ଅନୁମତି କ୍ରମେ)

ପ୍ରସ୍ତାବ-୮(୧). ଭୁବନେଶ୍ୱର ମହାନଗର ନିଗମାଂଚଳର ସତ୍ୟନଗର ଠାରୁ Cuttack, Puri Fly over କୁ ପୂର୍ତ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୧୦୬୬ ତା ୦୩.୦୯.୨୦୧୬ ରିଖରେ ମଦର ଟେରେସା ରାସ୍ତା ନାମରେ ନାମିତ କରିଥିଲେ । ଏହା ପୂର୍ବରୁ ଉକ୍ତ ରାସ୍ତାକୁ ପୂର୍ତ ବିଭାଗ ତାଙ୍କ ବିଜ୍ଞପ୍ତି ସଂଖ୍ୟା-୫୯୫୨ ତା ୩୦.୦୫.୨୦୦୩ ରିଖରେ ଅଭିମନ୍ୟୁ ସାମନ୍ତସିଂହାର ନାମରେ ନାମିତ କରିଥିବାରୁ Chief Engineer. D.P.I & Roads Odisha ତାଙ୍କ ପତ୍ର ସଂଖ୍ୟା-୧୫୦୮୯ ତା ୧୮.୦୪.୨୦୧୭ ରିଖରେ

ନିମ୍ନବର୍ଣ୍ଣିତ ୨ ଗୋଟି ରାସ୍ତା ମଧ୍ୟରୁ ୧ ଗୋଟି ରାସ୍ତାକୁ ଅଭିମନ୍ୟୁ ସାମନ୍ତସିଂହାର ନାମରେ ନାମିତ କରିବା ନିମନ୍ତେ ନିଗମକୁ ଅନୁରୋଧ କରିଅଛନ୍ତି ।

1-Road from Jawaharlal Nehru Marg to Janapath Link Road No.-12 (Ananda Bazar to R.D. Women's College)

2-Road from Jawaharlal Nehru Marg to Janapath Link Road No.-10 (Regional College to Rupali Square)

ଏହା ଉପରେ ବିଚାର କରି କର୍ପୋରେସନ ତା ୨୮.୦୪.୨୦୧୭ ରିଖରେ ନିଗମର Addl. Commissioner ଅଧିନରେ ଏକ କମିଟି ଗଠନ କରି ରିପୋର୍ଟ ଦେବାପରେ ନିଷ୍ପତି ନେଇଥିବାରୁ କାର୍ଯ୍ୟାଳୟର ପତ୍ର ସଂଖ୍ୟା-୧୩୪୨୫ ତା ୦୮.୦୬.୨୦୧୭ ରିଖରେ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟି ଗତ ତା ୦୮.୦୬.୨୦୧୭ ରିଖରେ ନିଗମର Addl. Commissioner ଙ୍କର ଅଧକ୍ଷତାରେ କାର୍ଯ୍ୟାଳୟର ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଉପରୋକ୍ତ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଉକ୍ତ ୨ ଗୋଟି ରାସ୍ତା ମଧ୍ୟରୁ ୧ ଗୋଟି Road from Jawaharlal Nehru Marg to Janapath Link Road No.-12 (Ananda Bazar to R.D. Women's College) ରାସ୍ତାଟି ପୂର୍ବରୁ କୌଣସି ସୁପ୍ରସିଦ୍ଧ ମହାନ୍ ବ୍ୟକ୍ତିଙ୍କର ନାମରେ ନାମିତ ହେବାର ତଥ୍ୟ ନମିଳିବାରୁ ଉକ୍ତ ରାସ୍ତାକୁ ଅଭିମନ୍ୟୁ ସାମନ୍ତସିଂହାର ନାମରେ ନାମିତ କରିବା ନିମନ୍ତେ ସୁପାରିଶ କରିଅଛନ୍ତି ।

ନଥି ନଂ-IX-7/2017 ଟିପ୍ପଣୀ ପୃଷ୍ଠା-୨ ରୁ ୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କମିଟିଙ୍କର ସୁପାରିଶକୁ ଭିତିକରି ମାନ୍ୟବର ମେୟରଙ୍କ ଆଦେଶ ମତେ କର୍ପୋରେସନଙ୍କର ଅନୁମୋଦନ ପ୍ରତ୍ୟାଶାରେ Jawaharlal Nehru Marg to Janapath Link Road No.-12 (Ananda Bazar to R.D. Women's College) ରାସ୍ତାଟିକୁ ଅଭିମନ୍ୟୁ ସାମନ୍ତସିଂହାର ନାମରେ ଆଇନାନୁଯାୟୀ ନାମିତ କରିବା ପାଇଁ Chief Engineer, D.P.I & Roads, Odisha ଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୩୭୮୩ ତା ୧୩.୦୬.୨୦୧୭ ରିଖରେ ଜଣାଇ ଦିଆଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ -୮(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮(୨). ଗତ ତା ୨୮.୦୪.୨୦୧୭ ରିଖ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୬(୪) ରେ ଭୁବନେଶ୍ୱର ମହାନଗର ନିଗମ Smart District ଅନ୍ତର୍ଗତ ଅଂଚଳରେ କିଛି ଆପାତକାଳୀନ କାର୍ଯ୍ୟର ଜରୁରୀ ଆବଶ୍ୟକତା ଥିବାରୁ ଉକ୍ତ କାର୍ଯ୍ୟ ଗୁଡ଼ିକର ତାଲିକା ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୨ ଉପସ୍ଥାପନ କରିବା ନିମନ୍ତେ ନିଷ୍ପତି ହୋଇଥିଲା । ତଦନୁଯାୟୀ ନଥି ସଂଖ୍ୟା-XI-Div.-II-35/2017 ଟିପ୍ପଣୀ ପୃଷ୍ଠା-୧ ରୁ ୨ ରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା-୨ ରେ ଉପସ୍ଥାପିତ ଓ ଏଥି ସହିତ ସଲଗ୍ନ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ -୮(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।



30/06/2017

ସ୍ୱା/-ଅନନ୍ତ ନାରାୟଣ ଜେନା
ସଭାପତି
ତା ୩୦.୦୬.୨୦୧୭ ରିଖ

| Sl No. | Location | Approx Length | Damage | Work proposed | Probable Cost (Rs in laks) |
|---|---|---|---|---|---|
| **WARD NO.-30 SAHEED NAGAR** | | | | | |
| 1 | Durga Mandap Back side road | 100 m. | Scoured | Grouting+BM+SDBC | 3.50 |
| 2 | Nandan Kanan Office Front | 200 m | | | Entrusted builder as per peripheral dev. Work |
| 3 | Haat Front | 40 m. | Fully Damage | BM +SDBC | 2.00 |
| 4 | Deepak Nursing home side. | Patch | | Pothole | 0.50 |
| 5 | Near(plot A /27 (Nabodaya Foundation) 3 loops) | 250m | Damage | Grouting+BM+SDBC | 8.50 |
| 6 | Banalata Apartment | | Pot Hole | | 1.50 |
| 7 | U.P. School (B) Back side | 50 m | | Grouting+SDBC | 2.00 |
| 8 | Front road of Meghdout (221-215) | | Pot Hole | | 1.00 |
| 9 | Road near Meghdout (270-264) | 140m | Damage | Grouting+SDBC | 4.25 |
| 10 | Dispensary front | | Pot Hole | | 1.50 |
| 11 | Road in front of Plot 646,647 | 150m | | SDBC | 3.25 |
| 12 | ESI Hospital to Vani Vihar STN. | | Pot Hole | | 3.25 |
| 13 | Weaver's Colony side of Happy Hours School front | | Pot Hole | | 1.25 |
| 14 | Plot No.384 to PHD Office | | Pot Hole | | 0.75 |
| 15 | Road between Sparsh Hospital to N.H | | Pot Hole | | 1.25 |
| 16 | Pot Holes at different location | | Pot Hole | | 1.50 |
| 17 | Earth cutting from berms. | | | | 2.00 |
| **WARD NO.-34 SATYANAGAR.** | | | | | |
| 1 | Pot Holes at different location | | | | 5.00 |
| **WARD NO.-41 ASHOK NAGAR KHARAVELA NAGAR** | | | | | |
| 1 | Sriya Talkies front road | 700m | Damage | BM+SDBC | 14.00 |
| 2 | Ashok Nagar Different location | | Pot Hole | | 7.00 |
| 3 | Big Bazar to Sriya Chhak | | Pot Hole | | 3.00 |
| 4 | Nilachal Hospital Road from Janpath | | | BM+SDBC | 7.00 |
| WARD NO.-53 Bapuji Nagar | | | | | |
| 1 | Pot Holes at different location | | Pot Hole | | 6.00 |



Executive Engineer, Div-II
Bhubaneswar Municipal Corporation